بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨ ଅଗଷ୍ଟ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଇଂଲଣ୍ଡର ଚଳିତ ୨୦୨୪ମସିହା ବାର୍ଷିକ ଧର୍ମସମ୍ମିଳନୀ ଅବସରରେ ପରମେଶ୍ୱରଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଥିବା କୃପା ଓ ଅଣଅହେମଦି ଅତିଥିବୃନ୍ଦଙ୍କ ସୁଚିନ୍ତିତ ମତାମତର ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ଵାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନ୍‌ୱର[ଅ.ବ] କହିଲେ; ଗତ ସପ୍ତାହରେ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଅଲ୍ଲାଃତାଲାଙ୍କ ଅପାର କୃପାର ଦିଗ୍‌ଦର୍ଶନ ଦେଖାଇ ଉଦ୍‌ଯାପିତ ହେଲା । ଏହି ତିନିଦିନ ଅତ୍ୟନ୍ତ କଲ୍ୟାଣମୟ ଦିବସ ଥିଲା । ଯାହାକି ଆପଣା ଓ ପର ସମସ୍ତଙ୍କ ଉପରେ ସକାରାତ୍ମକ ପ୍ରଭାବ ଛାଡ଼ି ଯାଇଛି । ଆଜି ମୁଁ କେତେକ ଅଣଅହେମଦିମାନଙ୍କ ମତାମତ ବର୍ଣ୍ଣନା କରିବି କିନ୍ତୁ ଏହା ପୂର୍ବରୁ ମୁଁ କର୍ମକର୍ତ୍ତା ଓ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହେଁ । ଯେ ଜଲ୍‌ସା ପୂର୍ବରୁ, ଜଲ୍‌ସା ସମୟରେ ଏବଂ ଜଲ୍‌ସା ଶେଷ ହେବାପରେ ମଧ୍ୟ ଜଲ୍‌ସାର ଆୟୋଜନ ଓ ତାହାର ପରିସମାପ୍ତିରେ ଅଂଶଗ୍ରହଣ କରିଥିଲେ ଏବଂ ଏବେ ମଧ୍ୟ କରୁଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତର ସଦସ୍ୟବୃନ୍ଦ ଅର୍ଥାତ ପୁରୁଷ, ମହିଳା ଓ ପିଲାମାନେ ସଭିଙ୍କର ଏପରି ବିଶେଷ ଗୁଣ ରହିଛି ଯାହାର ଅନ୍ୟମାନେ ମଧ୍ୟ ପ୍ରଶଂସା କରୁଛନ୍ତି ଏବଂ ଏହା ଏକ ନିରବ ଧର୍ମପ୍ରଚାର । **ଯାହାକି ଏହି କର୍ମୀମାନେ ନିଜର (ପରମ) କର୍ତ୍ତବ୍ୟ ମଣି ସମ୍ପାଦନ କରିଥାନ୍ତି ।** ଜଲ୍‌ସାର ପ୍ରତ୍ୟେକ ବିଭାଗର କର୍ମୀମାନଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ତେଣିକି ତାହା ପ୍ରବେଶ ସ୍ଥାନରେ ହେଉ, ଗେଟ୍‌ରେ ହେଉ, ଚେକିଙ୍ଗ୍‌ରେ ହେଉ, ପାରକିଙ୍ଗ୍‌ରେ ହେଉ, ଭୋଜନ କରାଇବା ଅବା ଭୋଜନ ପ୍ରସ୍ତୁତ କରିବା ଅଥବା ପରିଷ୍କାର ପରିଚ୍ଛନ୍ନ ରଖିବା ଡ଼ିଉଟିରେ ହେଉ । ପିଲାମାନେ ମଧ୍ୟ ଅତିଥିମାନଙ୍କୁ ଜଳପାନ କରେଇବା ଏବଂ ଅନ୍ୟାନ୍ୟ ସ୍ଥାନରେ (ବିଭିନ୍ନ) ଡ଼ିଉଟି ଦେଇଥାନ୍ତି । ପ୍ରତ୍ୟେକ ଦିଗରୁ ପ୍ରତ୍ୟେକ ବିଭାଗ ଅତି ମହତ୍ୱପୂର୍ଣ୍ଣ ଦୃଶ୍ୟମାନ ହୋଇଥାଏ ଏବଂ କୃତଜ୍ଞତାର ପାତ୍ର ଅଟେ ।

ଅନେକ ଲୋକ ଏହି ପ୍ରସଙ୍ଗରେ କର୍ମୀମାନଙ୍କର ପ୍ରଶଂସା ମୂଳକ ଉକ୍ତି କରି କହିଥାନ୍ତି ତଥା ଲିଖିତ ଆକାରରେ ପତ୍ର ଛାଡ଼ି ଯାଇଥାନ୍ତି ଓ ପତ୍ର ମଧ୍ୟ ପ୍ରେରଣ କରିଥାନ୍ତି । ବିଶ୍ୱର ବିଭିନ୍ନ ଦେଶରେ ବସିଥିବା ଲୋକମାନେ ମଧ୍ୟ କୃତଜ୍ଞତା ଜ୍ଞାପନ କରିଥାନ୍ତି ଯେ, ସେମାନଙ୍କୁ ଏମ୍.ଟି.ଏ ମାଧ୍ୟମରେ ଜଲ୍‌ସାର କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବରେ ଦେଖିବାର ସୁଯୋଗ ମିଳିଲା । ସୁତରାଂ ଏସମସ୍ତ କର୍ମୀମାନଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଚଳିତ ବର୍ଷ ଇଂଲଣ୍ଡର କର୍ମୀମାନଙ୍କ ସହିତ ପ୍ରଥମ ଥର ମରିସିୟସ୍‌ରୁ ଖୁଦ୍ଦାମ୍ ସ୍ୱଚ୍ଛାସେବୀ ଓ କର୍ମୀ ଆସିଥିଲେ ଏବଂ ସେମାନେ ଖୁବ୍ ସେବା ସମ୍ପାନ କଲେ । କାନେଡ଼ାରୁ ମଧ୍ୟ ଖୁଦ୍ଦାମ୍ ଆସିଛନ୍ତି ଯେଉଁମାନେ ପରିସମାପ୍ତି କାର୍ଯ୍ୟରେ ସହଯୋଗ କରୁଛନ୍ତି । **ଅଲ୍ଲାଃତାଲା ସେସମସ୍ତଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।**

ପ୍ରେସ୍ ଏବଂ ମିଡ଼ିଆ କଭରେଜ୍ ମଧ୍ୟ ବେଶ୍ ଅଧିକ ହୋଇଛି । ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଅତି ଉତ୍ତମ ଥିଲା । ଏଥିରେ ପ୍ରତିବେଶୀମାନେ ପ୍ରସନ୍ନିତ ଥିଲେ । ସେମାନଙ୍କର ଧାରଣା ଥିଲା ଯେ, ସମ୍ଭବତଃ ଗତବର୍ଷ

ତୁଳନାରେ ଚଳିତ ବର୍ଷ ଜଲ୍‌ସାର ଉପସ୍ଥିତି କମ୍ ଥିଲା, ତେଣୁକରି ଏତେ ସହଜରେ ଗାଡ଼ିମଟର ଯାତାୟାତ କରିପାରୁଥିଲା । କିନ୍ତୁ ବାସ୍ତବରେ ତାହା ନୁହେଁ, ବରଂ ଗତବର୍ଷ ତୁଳନାରେ ଚଳିତ ବର୍ଷ ଜଲ୍‌ସାରେ ଉପସ୍ଥିତି ଦୁଇ ହଜାର ଅଧିକ ରହିଥିଲା । ଯେତେବେଳେ ସେମାନଙ୍କୁ ଏହା ଅବଗତ କରାଗଲା ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ଚକିତ ହୋଇ କହିଲେ; ମାଶାଅଲ୍ଲାଃ ଅତି ଉତ୍ତମ ବ୍ୟବସ୍ଥା ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବିଧାୟକ ଜଣେ ଅହେମଦି ଅଟନ୍ତି ଏବଂ ସେ ଜଣେ ମୁରବି (ଧର୍ମପ୍ରଚାରକ) ମଧ୍ୟ । ସେ ସମସ୍ତ ପ୍ରତିବେଶୀଙ୍କ ସହିତ ସୁସମ୍ପର୍କ (ସ୍ଥାପନ କରିବା) ଓ ଟ୍ରାଫିକ୍ ଯୋଜନା ପ୍ରସ୍ତୁତ କରିବାରେ ବେଶ୍ ଉତ୍ତମ ଭୂମିକା ଗ୍ରହଣ କରିଥିଲେ । ଅଲ୍ଲାଃତାଲା ତାଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ନିଜର ସୁଚିନ୍ତିତ ମତାମତ ପ୍ରଦାନକାରୀଙ୍କର ହୃଦୟ ମଧ୍ୟ ଅଲ୍ଲାଃତାଲା ଉନ୍ମୁକ୍ତ କରନ୍ତୁ ଏବଂ ସେମାନେ ଅହେମଦିୟତ୍‌ର ବାର୍ତ୍ତାର ବାସ୍ତବିକ ଯଥାର୍ଥକୁ ବୁଝନ୍ତୁ ତଥା ଆମେମାନେ ସେହି ଉଦ୍ଦେଶ୍ୟକୁ ହାସଲକାରୀ ସାବ୍ୟସ୍ତ ହେଉ ଯାହାକି ହଜରତ ମସିହ ମଉଦ [ଅ.ସ]ଙ୍କର ଆଗମନର ଉଦ୍ଦେଶ୍ୟ ଥିଲା । ପୁନଶ୍ଚ କେବଳ ଏହି ତିନିଦିନରେ ନୁହେଁ, ବରଂ ତାହାକୁ ନିଜ ଜୀବନର ଅବିଚ୍ଛିନ୍ନ ଅଙ୍ଗ ଭାବରେ ଗ୍ରହଣ କରିନେବା ।

ଫ୍ରେନ୍‌ଚ ଗିଆନାରୁ ଶ୍ରୀମାନ ଇସମାଇଲ୍ ସାହେବ ଜଲ୍‌ସାରେ ସାମିଲ ହୋଇଥିଲେ । ଜଲ୍‌ସା ଅବଧିରେ ତାଙ୍କୁ ବୈଅତ୍ କରିବାର ମଧ୍ୟ ସୌଭାଗ୍ୟ ଲାଭ ହେଲା । ସେ କହିଲେ; ମୁଁ ନିଜ ଜୀବନକାଳ ମଧ୍ୟରେ ଏପରି କାର୍ଯ୍ୟକ୍ରମ ଯେଉଁସ୍ଥଳେ ବିଶ୍ୱର ପ୍ରମୁଖ ଭାଷାଭାଷି ଓ ବିଭିନ୍ନ ଜାତିର ଲୋକମାନେ ଏକତ୍ରିତ ହୋଇଥିବେ କଦାପି ଦେଖି ନଥିଲି । ଏହି ଜଲ୍‌ସାରେ ସାମିଲ ହୋଇ ବିନୀତର ବିଶ୍ୱାସ ଦୃଢ଼ିଭୂତ ହୋଇଛି ଯେ, ଏହା ଏକ ସତ୍ୟ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଜମାଅତ । **ଯଦି ଆମେ ନିଜ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କ ସ୍ୱରରେ ହାଜର ହେବାର ସ୍ୱୀକାରଉକ୍ତି ପ୍ରକାଶ କରି ହଜରତ ମସିହ ମଉଦ [ଅ.ସ]ଙ୍କୁ ଯୁଗାବତାର ବୋଲି ଗ୍ରହଣ ନକରିବା ତେବେ ସୁନିଶ୍ଚିତ ରୂପେ ପଥଭ୍ରଷ୍ଟ ହୋଇଯିବା ।**

ଜାପାନରୁ ଆସିଥିବା ବୁଦ୍ଧମତବାଦର ଚିଫ୍ (ଅଧ୍ୟକ୍ଷ) ପ୍ରେଷ୍ଟ ସାହେବ କୁହନ୍ତି; ଜଲ୍‌ସାର ପ୍ରଥମଦିନରୁ ଆରମ୍ଭ କରି ଶେଷଦିବସର ଅନ୍ତିମ ଅଧିବେଶନ ପର୍ଯ୍ୟନ୍ତ କର୍ମୀମାନଙ୍କର ଉତ୍ସାହ ଓ ଉଦ୍ଦୀପନା ସେହିପରି ଅତୁଟ ଅବ୍ୟାହତ ରହିଥିଲା । ସେ ମୋ ସହିତ ମଧ୍ୟ ସାକ୍ଷାତ କରିଥିଲେ ଏବଂ ମୁଁ ତାଙ୍କୁ କହିଥିଲି ଯେ ଏକ ଈଶ୍ୱରଙ୍କ ଉପରେ ଆସ୍ଥା ସ୍ଥାପନ କରିବା ଜରୁରୀ । ଏଥିସଂକ୍ରାନ୍ତରେ ଚିନ୍ତନ ଓ ଅନୁସନ୍ଧାନ କରନ୍ତୁ । ପ୍ରତିଉତ୍ତରରେ ସେ କହିଲେ; ମୁଁ ଜଣେ ବୁଦ୍ଧମତବାଦୀ ହେବା ଯୋଗୁଁ ଔପଚାରିକ ଭାବରେ ଏକ ଈଶ୍ୱର ଥିବାକୁ ବିଶ୍ୱାସ କରେ ନାହିଁ । କିନ୍ତୁ ମୋ ମନ କହୁଅଛି ଯେ, ଏହି ବ୍ରହ୍ମାଣ୍ଡର କେହି ଜଣେ ସ୍ରଷ୍ଟା ଓ ମାଲିକ ଅଛନ୍ତି ଏବଂ ଆମେ ସମସ୍ତେ ତାଙ୍କରି ସୃଷ୍ଟଜ । ଆଉ ଆମେ ସେହି ସ୍ରଷ୍ଟା ଓ ମାଲିକ (ମହାପ୍ରଭୁ)ଙ୍କର ସାନିଧ୍ୟ ଲାଭ କରି ପାରିବା । ସେ ଯାହା ହେଉ ତାଙ୍କ ଠାରେ ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ନାକିଛି ଆଗକୁ ଅଗ୍ରସର ହେବାର ଭାବନା ଉଦ୍ରେକ ହୋଇଛି ।

କୋସୋଭୋର ଜଣେ ସମ୍ମାନନୀୟ ଅତିଥି କହିଲେ; ଉପସ୍ଥିତି ଖଲିଫାଙ୍କ ଅଭିଭାଷଣ ଶୁଣି (ମୁଁ) ନିଜ ଅଭ୍ୟନ୍ତରରେ ଏକ ପରିବର୍ତ୍ତନ ପରିଲକ୍ଷିତ କରୁଅଛି । ଏହି (ଆଧ୍ୟାତ୍ମିକ) ପରିବେଶ ମୋ ଅଭ୍ୟନ୍ତରରେ ଇସଲାମ୍ ଅହେମଦିୟତ୍ ପ୍ରତି ପ୍ରେମ ଓ ଅନୁରାଗ ଭରି ଦେଇଛି । ମୁଁ ଯେଉଁସ୍ଥଳୀକୁ ଯାତ୍ରା କରିବି ସେଠାକାର ଲୋକମାନଙ୍କର ଏହି (ସନ୍ଦେଶ) ପ୍ରତି ଧ୍ୟାନ ଆକର୍ଷିତ କରାଇବି ଯେ, ଅହେମଦିୟତ୍‌ର ବାସ୍ତବିକ ଶିକ୍ଷାର ଅଧ୍ୟୟନ କର ।

ଚିଲୀର କେନ୍ଦ୍ରିୟ ପ୍ରଶାସନିକ ଡ଼ାଇରେକ୍ଟର ଅଫ୍ ୱରଶିପ୍ (ଉପାସନା ବିଭାଗ ଅଧ୍ୟକ୍ଷ) ପଦରେ କାର୍ଯ୍ୟରତ ଜଣେ ଅତିଥି କହିଲେ; ମୁଁ ଅହେମଦି ଜମାଅତ ସଂକ୍ରାନ୍ତରେ (ଆମ)ଦେଶରେ ରହିଥିବା ମୁସଲମାନ୍ ସଙ୍ଗଠନଙ୍କ ଠାରୁ ମତାମତ ଆଗତ କଲି କିନ୍ତୁ ସେ ସମସ୍ତେ (ଆପଣଙ୍କ ସଂକ୍ରାନ୍ତରେ) ନକାରାତ୍ମକ ରାଏ ଦେଇଥିଲେ ।

ଯାହାର ସାରାଂଶ ଏହା ଥିଲା କି ଆପଣମାନେ ମୁସଲମାନ୍ ନୁହନ୍ତି । ଜଲ୍‌ସା ଅବଧିରେ ଆପଣଙ୍କ ଖଲିଫାଙ୍କ ସହିତ ସାକ୍ଷାତ ହେଲା, ତହୁଁ ଉପରାନ୍ତ ମୁଁ ପ୍ରତିଜ୍ଞା କଲି ଯେ, ମୁଁ ଏଥିରେ ନିଜର ପୂର୍ଣ୍ଣ ଭୂମିକା ଗ୍ରହଣ କରିବି ଏବଂ ନିଜ ଅଧିନସ୍ଥ ଲୋକମାନଙ୍କ ସମ୍ମୁଖରେ ନିଜ ବ୍ୟକ୍ତିଗତ ଅଭିଜ୍ଞତା ପ୍ରକାଶ କରିବି ଯେ, **ଅହେମଦିମାନେ କେବଳ ମସୁଲମାନ୍ ନୁହନ୍ତି ବରଂ ଅତି ଉତ୍ତମ ଓ ଆଦର୍ଶ ମୁସଲମାନ୍ ।**

ହଲାଣ୍ଡରୁ ଆସିଥିବା ଜଣେ ମହିୟସୀ ମହିଳା କହିଲେ; ଏହି ଜଲ୍‌ସାରେ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକ ଯୋଗ ଦେଇଥିଲେ । ଉକ୍ତ ପରିବେଶଟି ଅଭୂତପୂର୍ଣ୍ଣ ଭାତୃଭାବ ପରିପ୍ରକାଶ କରିବାର ଏକ ମହାମଞ୍ଚ ଥିଲା । **ଆଲ୍‌ମୀ ବୈଁଅତ୍‌ର କାର୍ଯ୍ୟକ୍ରମକୁ ମୁଁ ସାରା ଜୀବନ ସ୍ମରଣ ରଖିବି ।** ସଂସାରରେ ପ୍ରତ୍ୟେକ ବ୍ୟକ୍ତି ମାନବିକତା ପାଇଁ ଅଧିକ ଜିଜ୍ଞାସୁ, ଜାଗ୍ରତ (ପ୍ରହରୀ) ଓ ସହାନୁଭୂତି ଉତ୍ପନ୍ନ କରନ୍ତୁ । ଯେପରି ଜମାଅତ ସମ୍ପାଦନ କରୁଅଛି ଏବଂ ଏହି ଦିଗରେ ଚଳଚଞ୍ଚଳ (ସଦା ତତ୍ପର) । ତେବେଯାଇ ବିଶ୍ୱ ସ୍ତରୀୟ ସମସ୍ୟାର ସମାଧାନ ହୋଇପାରିବ ।

ଆର୍ଜେଂଟାଇନ୍‌ର ନ୍ୟାସନାଲ୍ ସେକ୍ରେଟେରୀ ଅଫ୍ ଓ୍ୱରଶିପ୍ (ରାଷ୍ଟ୍ରିୟ ଉପାସନା ବିଭାଗ ଅଧ୍ୟକ୍ଷ)ଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିଙ୍କ ମଧ୍ୟରୁ ଜଣେ ଅତିଥି ବର୍ଣ୍ଣନା କରନ୍ତି, ମୁଁ ଆପଣଙ୍କ ଜମାଅତକୁ ଇର୍ଷାପୂର୍ଣ୍ଣ ଦୃଷ୍ଟିରେ ଦେଖିଲି ଯେ, ଏମାନେ କିପରି ଏତେ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ଏଭଳି ବ୍ୟାପକ ସ୍ତରରେ ଏତେ ଜନବହୁଳ ଲୋକମାନଙ୍କର ବ୍ୟବସ୍ଥା କରିଛନ୍ତି । ଯାହାର ପ୍ରବନ୍ଧ କରିବା ଆମ ଦେଶରେ ଅସମ୍ଭବ । ସେ ଅଧିକନ୍ତୁ କହିଲେ; ଉପସ୍ଥିତ ଖଲିଫାଙ୍କର ମହିଳାମାନଙ୍କୁ ଅଭିଭାଷଣ ଦେବା ମୋତେ ବହୁତ ଭଲ ଲାଗିଲା । **ଆପଣମାନେ ସମାଜର ଚାପ ଓ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ସତ୍ତ୍ୱେ ନିଜ ସିଦ୍ଧାନ୍ତ ଉପରେ ଦୃଢ଼ତାର ସହିତ ଦଣ୍ଡାୟମାନ ରହିଛନ୍ତି ।**

ତାଇଓ୍ୱାନ୍‌ରୁ ଆସିଥିବା ଜଣେ ଅତିଥି ଡ଼ାକ୍ତର କୁହନ୍ତି; ମୁଁ ଏତେ ବଡ଼ ମଞ୍ଚ (ମହାସଭା) ପୂର୍ବରୁ କଦାପି ଦେଖି ନାହିଁ । ଯାହାର ଆୟୋଜନ ସ୍ୱଚ୍ଛାସେବୀମାନେ ସମ୍ପନ୍ନ କରୁଥିବେ । ମହିଳାମାନଙ୍କୁ ଖଲିଫା ଅଭିଭାଷଣ ଦେବା ସମୟରେ ଏହା ଅନୁମାନ ଲଗା ଯାଇପାରୁ ଥିଲା ଯେ, ଅହେମଦି ପିଲାମାନେ ଓ ଯୁବପିଢ଼ି ନିଜ ପ୍ରିୟ ଖଲିଫାଙ୍କୁ କେତେ ପ୍ରେମ କରନ୍ତି । କାନେଡ଼ାରୁ ଜଣେ ଅତିଥି ୟାସିନ୍ ଅହେମଦ ସାହେବ କୁହନ୍ତି; ମୁଁ ଅହେମଦିମାନଙ୍କ ବାର୍ଷିକ ଧର୍ମସମ୍ମିଳନୀକୁ ଧର୍ମ ରୂପରେ ବ୍ରହ୍ମଜ୍ଞାନ ଓ ବୁଦ୍ଧିର ଏକ ବିରାଟ ଗନ୍ତାଘର (ସଦୃଶ) ପାଇଲି । ଅହେମଦିମାନଙ୍କ ପ୍ରତିଷ୍ଠା, ଶାଳୀନତା, ଶିଷ୍ଟାଚାର, ଧୈର୍ଯ୍ୟ ଓ ଇସଲାମୀୟ ନୀତିଶିକ୍ଷାର ବାସ୍ତବିକ ବ୍ୟାଖ୍ୟା ଶତାବ୍ଦି ଶତାବ୍ଦି ଧରି ଚାଲି ଆସିଥିବା ଧାର୍ମିକ ରକ୍ତପାତ ଓ ଅତ୍ୟାଚାର ପରେ ଐଶୀ ନିର୍ଦ୍ଦେଶାବଳୀର ଛତ୍ରଛାୟା ତଳେ ଏକ ପ୍ରଶାନ୍ତଚିତ୍ତ ଓ ଶାନ୍ତିପୂର୍ଣ୍ଣ ଜୀବନର ଶୁଭସଙ୍କେତ ଥିଲା ।

ଉରୁଗୁଏର ଜଣେ ଅଣଅହେମଦି ସାମ୍ବାଦିକ ଅତିଥି କହିଲେ; ଇଂଲଣ୍ଡ ଜମାଅତର ବାର୍ଷିକ ଧର୍ମସମ୍ମିଳନୀ ମୋ ଆଧ୍ୟାତ୍ମିକତା ଉପରେ ଗଭୀର ପ୍ରଭାବ ପକାଇଛି । ମୋ ପାଇଁ ସବୁଠାରୁ ଅବିସ୍ମରଣୀୟ ମୁହୂର୍ତ୍ତ, ଦୁଆ କରିବା ସମୟରେ ପୁରୁଷମାନଙ୍କର ନିରନ୍ତର ରୋଦନ କରିବାର ଦୃଶ୍ୟ ଥିଲା । କୋଷ୍ଟାରିକାରୁ ଆସିଥିବା ଜଣେ ଅତିଥି କହିଲେ; ବାର୍ଷିକ ଧର୍ମସମ୍ମିଳନୀରେ ସାମିଲ ହୋଇ ମୁଁ ଆଚମ୍ବିତ ହେଲି ଏବଂ ମୋ ଆନନ୍ଦର ସୀମା ରହିଲା ନାହିଁ ଯେ, ଅହେମଦି ଜମାଅତରେ ମହିଳାମାନଙ୍କୁ ପୁରୁଷମାନଙ୍କ ପରି ଦାୟିତ୍ୱ ପ୍ରଦାନ କରାଯାଇଥାଏ ।

ଉପଦ୍ୱୀପରୁ ଆସିଥିବା ଜଣେ ଅତିଥି କହିଲେ; ଜଲ୍‌ସାରେ ଏଭଳି ଲୋକାରଣ୍ୟ ସତ୍ତ୍ୱେ ମହିଳାମାନେ ପରଦା କରିବାର ବିଶେଷ ଧ୍ୟାନ ରଖୁଥିଲେ । ଏହା କୌଣସି ସାଧାରଣ ପ୍ରସଙ୍ଗ ନୁହେଁ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ତାଞ୍ଜାନିଆ, ସେରେଲିଓ୍ୱନ୍, ସ୍ପେନ୍, ବ୍ରାଜିଲ୍, ପୋଲାଣ୍ଡ ଓ ଅନ୍ୟାନ୍ୟ ଦେଶମାନଙ୍କରୁ ଆସିଥିବା ଅତିଥିମାନଙ୍କ ସୁଚିନ୍ତିତ ମନ୍ତବ୍ୟର ଚର୍ଚ୍ଚା କରିବା ପରେ କହିଲେ; ଏହା କିଛି (ଅତିଥିମାନଙ୍କ) ମତାମତ ଥିଲା

ଯାହାକି ମୁଁ ଆଲୋଚନା କଲି । ବାର୍ଷିକ ଧର୍ମସମ୍ମିଳନୀ ଫଳରେ ବୈଅତ୍‌ର ରିପୋର୍ଟ ଏପରି ରହିଛି ଯେ, ଗିନି ବସାଓ୍ୱର ଗୋଟିଏ ଗ୍ରାମର ପ୍ରଧାନ ୮୫ଜଣ ସଦସ୍ୟଙ୍କ ସହିତ ବୈଅତ୍ କଲେ । ତାଞ୍ଜାନିଆ ଦେଶର ଗୋଟିଏ ଗ୍ରାମର ଇମାମ ଓ ନାଇଜର୍‌ର ଏକ ମଦ୍ରସାର ମୌଲିମ୍ ସାହେବ ମଧ୍ୟ ଏହି ଅସବରରେ ବୈଅତ୍ କଲେ । କଙ୍ଗୋ ବ୍ରାଜାଇଲ୍‌ରେ ଜଲ୍‌ସା ଅବଧିରେ ୧୨ଜଣ ବ୍ୟକ୍ତି ବୈଅତ୍ କଲେ । ତବଲିଗ୍ ବିଭାଗର ରିପୋର୍ଟ ଅନୁଯାୟୀ ଜଲ୍‌ସା ଅବଧିରେ ଇଂଲଣ୍ଡର ଅଧିବାସୀଙ୍କ ମଧ୍ୟରୁ ୨୨ଜଣ ବ୍ୟକ୍ତି ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଯଦିଚ ଏହି ବାର୍ଷିକ ଧର୍ମସମ୍ମିଳନୀରେ ପ୍ରାୟ ଏକ ହଜାର ଅଣଅହେମଦି ଅତିଥିବୃନ୍ଦ ଯୋଗ ଦେଇଥିଲେ ।

ଅନ୍ ଲାଇନ୍ କଭରେଜ୍‌ର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ୫୦ଟି ଓ୍ୱେବ୍‌ସାଇଟ୍‌ରେ ଜଲ୍‌ସାର ଖବର ପାଠ କରିଥିବା ଲୋକମାନଙ୍କ ସଂଖ୍ୟା ୧୫ମିଲିୟନ୍ ଦର୍ଶା ଯାଉଛି । ପ୍ରକାଶନ ରିପୋର୍ଟ ଅନୁଯାୟୀ ଏହି ପରିପ୍ରେକ୍ଷୀରେ ୧୪ଟି ପ୍ରବନ୍ଧ ପ୍ରକାଶିତ ହୋଇଥିଲା ଏବଂ ଉକ୍ତ ଖବରକାଗଜର ପାଠକମାନଙ୍କ ସଂଖ୍ୟା ୫ମିଲିୟନ୍ ଦର୍ଶା ଯାଉଛି । ଟି.ଭି ଓ ରେଡ଼ିଓ ମାଧ୍ୟମରେ (ଜଲ୍‌ସାର ପ୍ରସାରଣ) ଦେଖିଥିବା ଲୋକମାନଙ୍କ ସଂଖ୍ୟା ୧୦ମିଲିୟନ୍ ଦର୍ଶା ଯାଉଛି । ବିଭିନ୍ନ ରେଡ଼ିଓ ଷ୍ଟେଶନ୍ ଦ୍ୱାରା (ଜଲ୍‌ସାର କାର୍ଯ୍ୟକ୍ରମ) ଶୁଣିଥିବା ଲୋକମାନଙ୍କ ସଂଖ୍ୟା ୧୦ମିଲିୟନ୍ ରହିଛି । ଏହିପରି ମଖ୍‌ଜନେ ତସାୱିର୍ (ଫଟୋ ପ୍ରଦର୍ଶନୀ), ଇତିହାସ ଓ ଅନ୍ୟାନ୍ୟ ବିଭାଗର ପ୍ରଦର୍ଶନୀ ପରିଭ୍ରମଣ କରି ମଧ୍ୟ ଅନେକ ଲୋକ ପ୍ରଭାବିତ ହୋଇଛନ୍ତି । ଏସମସ୍ତ ପ୍ରଦର୍ଶନୀ ମଧ୍ୟ ଏକ ପ୍ରଚାରର ମାଧ୍ୟମ ସାବ୍ୟସ୍ତ ହୋଇଥାଏ । ଅଲ୍ଲାଃତାଲାଙ୍କ କୃପାରୁ ଆନୁମାନିକ ଭାବରେ ୪୬ମିଲିୟନ୍‌ରୁ ଅଧିକ ଲୋକମାନେ ଜଲ୍‌ସାର କାର୍ଯ୍ୟକ୍ରମ (ଖବର) ଦେଖି ଓ ଶୁଣିଛନ୍ତି । ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଏହି ଖବର ଆହୁରି କଭରେଜ୍ ହେବାର ଆଶା ରହିଛି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଯେଉଁସ୍ଥଳେ ଆମର ଏହି ବାର୍ଷିକ ଧର୍ମ ସମ୍ମିଳନୀ ଆପଣାମାନଙ୍କର ତରବିୟତ୍ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଉନ୍ନତି ସାଧିତ କରିବାର ମାଧ୍ୟମ ସାଜିଥାଏ ସେହିସ୍ଥଳେ ଅନ୍ୟମାନଙ୍କ ପାଇଁ ଇସଲାମୀୟ ସିଦ୍ଧାନ୍ତକୁ ବୁଝିବା ଏବଂ ସେମାନଙ୍କୁ ପ୍ରଭୁଙ୍କ ନିକଟବର୍ତ୍ତୀ କରିବାର ମାଧ୍ୟମ ସାବ୍ୟସ୍ତ ହେଉଅଛି । ସୁତରାଂ ଏଥିପାଇଁ ଆମମାନଙ୍କୁ ଯେଉଁସ୍ଥଳେ ଅଲ୍ଲାଃତାଲାଙ୍କ ସମୀପରେ ଅଧିକ ନତମସ୍ତକ ହେବା ଓ ତାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ସେହିସ୍ଥଳେ ଏହି ପ୍ରତିଜ୍ଞାର ପାଳନ କରିବା ଉଚିତ୍ ଯେ, ଆମେ ସର୍ବଦା ଅଲ୍ଲାଃତାଲା ଓ ହଜରତ ମସିହ ମଉଦ [ଅ.ସ]ଙ୍କ ବାର୍ତ୍ତାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପୂର୍ବାପେକ୍ଷା ଅଧିକ ପ୍ରଚେଷ୍ଟା କରିବୁ । ଅଲ୍ଲାଃତାଲା ଏଥିସକାଶେ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।